## ବିଦ୍ୟାଳୟରେ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ

ସମ୍ବଲପୁର,(ବ୍ୟୁରୋ): ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦ ଖ୍ରୀଷ୍ଟିଆନ ପଡ଼ା ସରକାରୀ ବିଦ୍ୟାଳୟଠାରେ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରାଯାଇଛି। ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ଅମିତ ସର ଓ ଆଇଆର୍ ମୁଖ୍ୟ ଦୀପକ ମହାନ୍ତ, ସିଏସ୍ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସୁନା, ସରୋଜ ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ଏସ୍ କୁମାର, ଷ୍ଟିଫେନ ନନ୍ଦ, କଇଁ ବାଗ, ଆନନ୍ଦ ତାଣ୍ଡି, ସୁନୁ ପ୍ରଧାନ, ଅନ୍ନପୂର୍ଣ୍ଣା ବନଛୋର, କଲ୍ୟାଣୀ କୌଶଳ, ଗଙ୍ଗୋତ୍ରୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଡିକିଭାଙ୍ଗି ଲୁଟିନେଲେ ୯୦ ହଜାର

**ଝାରସୁଗୁଡ଼ା ଅଫିସ, ୧୫।୨:** ବ୍ରଜରାଜନଗର ଥାନା ଜୋବ ନିକଟ ସୀତାରା ଛକରୁ ମଙ୍ଗଳବାର ଦୁର୍ବୃତ୍ତମାନେ ଏକ ବାଇକ୍ ଡିକି ଭାଙ୍ଗି ୯୦ହଜାର ଟଙ୍କା ଲୁଟିନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି କାଳୀନଗର କଲୋନୀର ନସିମ ଅହମ୍ମଦ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି କ୍ୟାମେରା ନେଇ ତଦନ୍ତ ଚଳାଇଛି। ସୂଚନା ଅନୁସାରେ ନସିମ ଅହମ୍ମଦ ଜଣେ ଠିକାଦାର। ସେ ଲମଟିବାହାଲସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇଥିଲେ। ଏଥିରୁ ୧୦ହଜାର ଟଙ୍କା ପକେଟରେ ରଖିଥିବାବେଳେ ବାକି ୯୦ ହଜାର ଟଙ୍କା ବାଇକ୍ ଡିକିରେ ରଖି କୋଇଲା ଖଣି ଅଞ୍ଚଳକୁ ଯାଉଥିଲେ। ବାଟରେ ସୀତାରା ଛକରେ ଅଟକି ସେ ବାଇକ୍ ରଖି ଚା' ପାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟିନେଇଥିଲେ। ନସିମ ପିଛା କରିଥିଲେ ମଧ ସେମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ।

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୫।୨:**ଟାଙ୍ଗରପାଲି ସମରାବସ୍ତିର ଜଣେ ଯୁବକ ମଙ୍ଗଳବାର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୂରଜ ଭୂମିଜ(୨୨)। ଏ ନେଇ ଟାଙ୍ଗରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂରଜ ଦିନ ସାଢ଼େ ୧୨ଟା ସମୟରେ ଘରେ କେହି ନ ଥିବାବେଳେ ବେକରେ ଗାମୁଛା ଲଗାଇ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଝୁଲି ପଡିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି।

### ଚୋରି ଅଭିଯୋଗରେ ୩ ଗିରଫ

**ରାଉରକେଲା ଅଫିସ,୧୫।୨:** ରାଉରକେଲା ରେଲୱେ ଷ୍ଟେଶନ ନିକଟ ରେଲୱେ ବିଜୁଳି ବିଭାଗ ପରିସରରୁ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲିର ସୋନୁ ସିଂହ, ମହମ୍ମଦ ରମଜାନ ଏବଂ ଶିବୁ ତନ୍ତୀ। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୨/୨୨) ରୁଜୁ ହୋଇଛି। ଗତ ୧୪ ତାରିଖ ରାତି ୧୦ଟା ସମୟରେ ଉକ୍ତ ୩ ଜଣ ରେଲୱେ ବିଜୁଳି ବିଭାଗ ପାଚେରି ଡେଇଁ ପ୍ଲାଷ୍ଟିକ ପାଇପ୍ ସହ ୧୫ କେଜି ତାର ଚୋରି କରିଥିଲେ।

### ମୋବାଇଲ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୧୫।୨** ରାଉରକେଲା ରେଳ ଷ୍ଟେଶନ ପରିସରରେ ଜଣେ ଯାତ୍ରୀଙ୍କ ଠାରୁ ମୋବାଇଲ ଚୋରି ଅଭିଯୋଗରେ ରେଳବାଇ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାଗୁଣି ବସ୍ତିର ବିଜୟ ବାବୁ(୨୫) ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ. ୫ରେ ଜଣେ ଯାତ୍ରୀ ଟାଟା ଅଭିମୁଖେ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ବିଜୟ ଉକ୍ତ ଯାତ୍ରୀଙ୍କ ଠାରୁ କୌଶଳ କ୍ରମେ ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୮।୨୨) ରୁଜୁ କରି ବିଜୟଙ୍କୁ ଗିରଫ କରିବା ସହ ଚୋରି ମୋବାଇଲ ଜବତ କରିଥିଲା।

# ଗଡ଼ରକ୍ଷା ବନାମ ଅଗ୍ନିପରୀକ୍ଷା

(ଜୟ ନାରାୟଣ ମେଣ୍ଟୁଲି)
ସୁନ୍ଦରଗଡ଼, ୧୫।୨

**ତଳସରା ବିଧାନସଭା କ୍ଷେତ୍ର ଜିଲା ପରିଷଦ ଜୋନ୍**

- ୭ ଜିଲା ପରିଷଦ ଜୋନ୍‌ରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା
- ଭାଜପା ଓ ବିଜେଡି ମଧ୍ୟରେ କଡା ମୁକାବିଲା
- ଭବାନୀଙ୍କ ପାଇଁ ସମ୍ମାନ, ବିନୟ ଓ ପ୍ରଫୁଲ୍ଲଙ୍କ ପାଇଁ ଅଗ୍ନି ପରୀକ୍ଷା

ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ସୁନ୍ଦରଗଡ ଜିଲାର ଏକଦା କଂଗ୍ରେସର ଗଡ଼ ଆଦିବାସୀ ବହୁଳ ତଳସରା ବିଧାନସଭା କ୍ଷେତ୍ର ସରଗରମ ହୋଇଛି। ଏହି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବାଲିଶଙ୍କରା, ସବଡେଗା, ବଡଗାଁ ଓ ଲେଫ୍ରିପଡା ବ୍ଲକରେ ଥିବା ୭ଟି ଜିଲା ପରିଷଦ ଜୋନ୍‌କୁ ନିଜ ଅକ୍ତିଆରକୁ ନେବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ତଳସରା ବିଧାନସଭା କ୍ଷେତ୍ର ଅଧୀନ ବଡଗାଁ ବ୍ଲକର ୨ଟି ଜିଲା ପରିଷଦ ଆସନରେ ଭୋଟ ଗ୍ରହଣ ହେବ। ସେଥିପାଇଁ ସୋମବାର ସନ୍ଧ୍ୟାରେ ଏହି ଜୋନ୍‌ରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ବିଶେଷ କରି ତଳସରା ବିଧାନସଭା କ୍ଷେତ୍ରର ଏହି ୭ଟି ଜିଲା ପରିଷଦ ଜୋନ୍‌ର ଫଳାଫଳ ବର୍ତ୍ତମାନର ଭାଜପା ବିଧାୟକ ଭବାନୀ ମାଝୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ବିଜେଡି ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ଏବଂ କଂଗ୍ରେସରୁ ଯାଇ ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝୀଙ୍କ ପାଇଁ ଅଗ୍ନିପରୀକ୍ଷା ବୋଲି କୁହାଯାଉଛି। ଏଠାକାର ଫଳାଫଳ ଉପରେ ବିନୟ ଓ ପ୍ରଫୁଲ୍ଲଙ୍କ ଭବିଷ୍ୟତ ରାଜନୀତି କ୍ୟାରିୟର ନିର୍ଭର କରୁଛି।

କଂଗ୍ରେସର ଏହି ଗଡ଼ରେ ଗତ ୨୦୧୭ ଜିଲା ପରିଷଦ ନିର୍ବାଚନରେ ଭାଜପା ୭ଟି ଆସନ ମଧ୍ୟରୁ ସର୍ବାଧିକ ୫ଟିରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ଓ ବିଜେଡି ଗୋଟିଏ ଲେଖାଏଁ ଆସନ ଅକ୍ତିଆର କରିଥିଲେ। ଜିଲା ପରିଷଦ ନିର୍ବାଚନରେ ନିଜର ସ୍ଥିତିକୁ ଜାହିର କରିବା ପରେ ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ଏହି ଆସନକୁ କଂଗ୍ରେସ ହାତରୁ ଛଡେଇ ନେଇଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ସମସ୍ତ ୭ଟି ଆସନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଧାୟକ ଭବାନୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବିଜେଡି ମଧ୍ୟ ଏଥର ଏହି ୭ଟି ଜୋନ୍‌କୁ କିଭଳି ଦଖଲ କରିବ ସେ ନେଇ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି। ପଞ୍ଚାୟତ ନିର୍ବାଚନ ଘୋଷଣା ପୂର୍ବରୁ ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ କୁମାର ମାଝୀ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଫଳରେ ବିଜେଡି ନିଜକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ମନେକରି ବିଜେଡି ସହ କଂଗ୍ରେସ ଭୋଟ କିଭଳି ହାତେଇବ ସେ ନେଇ ଉଦ୍ୟମ କରୁଛି। ଏଠାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ବିଜେଡି ପର୍ଯ୍ୟବେକ୍ଷକ ତଥା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡେଇ ପ୍ରଚାର ମଙ୍ଗ ଧରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ମଧ୍ୟ ପାରମ୍ପରିକ ଆଦିବାସୀ ଭୋଟ ଉପରେ ଆଖି ପକେଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରି ନିର୍ବାଚନରେ ବିଜୟ ଲାଭ କରିବାକୁ ଦଳ ଲକ୍ଷ୍ୟ ରଖିଛି ବୋଲି ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ଓ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ କହିଛନ୍ତି।

ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ବଡଗାଁ ବ୍ଲକର ୨ଟି ଜିଲା ପରିଷଦ ଜୋନ୍‌ରେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ଲଢେଇ ହେଉଛି। ଏଥର ବିଜେଡିରୁ ବଡଗାଁ 'କ' ଆସନରେ ଅମୀୟ କୁମାର ପଧାନ, ଭାଜପାରୁ ବସନ୍ତ କୁମାର ଡନସେନା ଓ କଂଗ୍ରେସରୁ ଶୁକ୍ରାମ ମାଝୀ ପ୍ରାର୍ଥୀ ହୋଇଥିବା ବେଳେ ବଡଗାଁ 'ଖ' ଆସନରେ କଂଗ୍ରେସରୁ ଜ୍ୟୋତି ବିନିତା ସରାଙ୍ଗ, ବିଜେଡିରୁ ସୋନାଲି ହେସ ଓ ଭାଜପାରୁ ଲକ୍ଷ୍ମୀ ନାଏକ ନିର୍ବାଚନୀ ମଇଦାନରେ ଲଢେଇ କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ କଂଗ୍ରେସରୁ ଦିଲୀପ ଟେଟେ, ଭାଜପାରୁ ଫିଲିସିତା ଲାକ୍ରା ଓ ବିଜେଡିରୁ ମନୋଜ ବାରୁଆ ପ୍ରାର୍ଥୀ ରହିଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବାଲିଶଙ୍କରା ବ୍ଲକର ୨ଟି ଆସନ ପାଇଁ ଭୋଟ ଗ୍ରହଣ ହେବ। ଏଠାରେ ବାଲିଶଙ୍କରା 'କ' ଆସନରେ କଂଗ୍ରେସର ଇଲିୟାସ ତିର୍କୀ, ଭାଜପାର ଡିଲେଶ୍ୱର ନାୟକ, ବିଜେଡିର ବିନୋଦ କୁମାର କୁଜୁର ଏବଂ ଦିଲୀପ କୁମାର ସ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଲେଫ୍ରିପଡା 'କ' ଜୋନ୍‌ରେ ଭୋଟ ଗ୍ରହଣ ହେବ। ଏହି ଜୋନ୍‌ରେ ଏଥର ଅମିତ କୁମାର କିସପଟ୍ଟା ସିପିଆଇ(ଏମ୍), ବୈଷ୍ଣବ ମାଝୀ ବିଜେଡି, ରାଜେଶ ସୋରେଙ୍ଗ ଭାଜପା ଏବଂ ହରେକୃଷ୍ଣ ଭିନ୍ତ୍ରିଆ କଂଗ୍ରେସ ତରଫରୁ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ଫଳାଫଳକୁ ନେଇ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଅଙ୍କକଷା ଚାଲିଛି। ତେବେ ଭୋଟରଙ୍କ ରାୟ କ'ଣ ହେବ ସେ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଏହି ନିର୍ବାଚନ ଭାଜପାର ଗଡ଼ ରକ୍ଷା ବନାମ ବିଜେଡିର ହେଭିୱେଟ୍ ପ୍ରଫୁଲ୍ଲ ଓ ବିନୟଙ୍କ ପାଇଁ କଡା ଅଗ୍ନିପରୀକ୍ଷା ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି।

## ଜିଲା ଯୁବ ସମ୍ମିଳନୀ

ସମ୍ବଲପୁର,୧୫।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀପଡା କ୍ୟାଥଲିକ ଚର୍ଚ୍ଚ ପରିସର ୟୁଥ୍ ସେଣ୍ଟରଠାରେ ଜିଲା ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରଣାଳୟ, ନେହେରୁ ଯୁବକେନ୍ଦ୍ର ଓ ଜାଗୃତି ଯୁବ ଆସୋସିଏଶନ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୁଲିୟସ ଲାକ୍ରା ମୁଖ୍ୟଅତିଥି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅଧାପକ ଡ. ବିଶ୍ୱମୋହନ ଜେନା, ସମ୍ବଲପୁର ଜିଲା ଯୁବ ନିର୍ଦ୍ଦେଶକ ପ୍ରକାଶ କିରୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୀବନ ବୀମା ଟାକ୍ସ କନ୍‌ସଲଟାଣ୍ଟ ତାପସ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବକମାନଙ୍କ ଭୂମିକା, ବ୍ୟକ୍ତିତ୍ୱର ବିକାଶ, ଆତ୍ମ ନିର୍ଭର ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ମିଳନୀ ହୋଇଥିଲା। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ କୃଷକ କ୍ଲବକୁ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଥିଲା। ରେଶ୍ମା କେର୍କେଟା, ମାଇକେଲ କୁଲୁ, ମୋନିକା ବେକ, ନଳିନୀ ସୁନିଆ ପରିଚାଳନାରେ ସହଯୋଗ କରିଥିଲେ।

## ପୌର ନିର୍ବାଚନ ନେଇ ବିଜେଡିର ସମୀକ୍ଷା ବୈଠକ

ବ୍ରଜରାଜନଗର,୧୫।୨(ଡି.ଏନ.ଏ.)

ଆଗାମୀ ପୌର ନିର୍ବାଚନ ପାଇଁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି, ଜିଲା ପର୍ଯ୍ୟବେକ୍ଷକ ସୁବାସ ସିଂ, ସହ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ପୌରାଞ୍ଚଳର ୨୩ ଗୋଟି ୱାର୍ଡ ଥିବାବେଳେ ଯେଉଁଠି ଦଳ ଦୁର୍ବଳ ସ୍ଥିତିରେ ଅଛି ସେଠାକୁ ଯାଇ ଭୋଟରଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ମନ୍ତ୍ରୀ ଦାସ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନନ୍ଦକିଶୋର ଅଗ୍ରୱାଲ, ବିଶ୍ୱନାଥ ନାୟକ, ଜୟନ୍ତ ଦିକ୍ଷିତ, କୁଳମଣୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

# ୯ ସଂଖ୍ୟାକୁ ନେଇ ଭୋଟରଙ୍କ ଅଙ୍କକଷା

ଝାରସୁଗୁଡ଼ା ଅଫିସ,୧୫।୨

**ଝାରସୁଗୁଡ଼ା ଜିଲାରେ ଜିଲାପରିଷଦ ଆସନ**

ଝାରସୁଗୁଡ଼ା ଜିଲାରେ ୯ ଜିଲା ପରିଷଦ ଆସନ ରହିଥିବାବେଳେ ବିଭିନ୍ନ ରାଜନୈତିକ ଦଳରୁ ସମୁଦାୟ ୩୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଜିଲାରେ ୧୬ ଓ ୧୮ ତାରିଖରେ ୨ ପର୍ଯ୍ୟାୟରେ ମତଦାନ ହେବ। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆଉ ୩ଦିନ ବାକି ରହିଥିବାବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନାକୁ ନେଇ ଦଳୀୟ ନେତାମାନେ ଭୋଟରଙ୍କୁ ପ୍ରଭାବିତ କରୁଥିବାବେଳେ କେତେକ ଆସନରେ ଦଳୀୟ ପ୍ରାର୍ଥୀଙ୍କ ଭାବମୂର୍ତ୍ତିକୁ ନେଇ ଭୋଟର ପ୍ରଶ୍ନ କରୁଛନ୍ତି, ଯାହା ଦଳ ପାଇଁ କ୍ଷତି ପହଞ୍ଚାଇବା ସମ୍ଭାବନା ରହିଛି। ଏହାଛଡା ଦଳୀୟ ଟିକେଟ ବଣ୍ଟାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହାର ସମାଧାନ ପାଇଁ ଦଳୀୟ ନେତାମାନେ ଲାଗିପଡିଛନ୍ତି। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ହେଲେ ଏଥିରେ ଭୋଟର ଭାସି ନ ଯାଇ ନିଜର ବୁଦ୍ଧିବିଚାର ଖଟାଇ ଉଚିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଜିଲା ପରିଷଦ ଆସନ ୯ ସଂଖ୍ୟାକୁ ହାସଲ କରିବା ପାଇଁ ରାଜନୈତିକ ଦଳ ଲାଗିପଡିଛନ୍ତି। ବିଜେଡି ୯କୁ ୯ ଜିତିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିବାବେଳେ ଭାଜପା ଏହାକୁ ଭୁଲ ପ୍ରମାଣିତ କରିବା ପାଇଁ ପ୍ରୟାସ ଚଳାଇଛି। ଅନ୍ୟପକ୍ଷେ ଭାଜପା ୩ ଆସନ ହାତେଇବ ବୋଲି ସବୁଠି ଚର୍ଚ୍ଚା ଚାଲିଛି। ଭୋଟରଙ୍କ ଏହି ଅଙ୍କ ଦଳକୁ ଚିନ୍ତାରେ ପକାଇଛି। ବିଗତ ୨୦୧୭ ନିର୍ବାଚନ ଫଳାଫଳକୁ ଦେଖିଲେ କଂଗ୍ରେସ ୮ ଓ ଭାଜପା ୧ ଆସନରେ ବିଜୟୀ ହୋଇଥିଲା। ଏଥର ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ପଦ ଦଖଲ ପାଇଁ ଆଶା ବାନ୍ଧିଥିବାବେଳେ ଭାଜପା ଅଧିକ ଆସନ ହାତେଇବାକୁ ଲକ୍ଷ୍ୟ ରଖିଛି । ସେହିପରି ପୂର୍ବ ନିର୍ବାଚନରେ ସଂଖ୍ୟାଧିକ ଆସନ ହାତେଇଥିବା କଂଗ୍ରେସ ସମ୍ମାନ ରକ୍ଷା କରିପାରିବ କି ନାହିଁ ସେ ନେଇ ଚର୍ଚ୍ଚା ଚାଲିଛି।

## ରେମେଡ ଶିବରାତ୍ରି ମେଳା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ସମ୍ବଲପୁର,୧୫।୨ (ବ୍ୟୁରୋ)


ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ସମ୍ବଲପୁର ସହରର ବହୁ ପୁରାତନ ପ୍ରସିଦ୍ଧ ରେମେଡ ଶିବରାତ୍ରି ମେଳା ପାଇଁ ମଙ୍ଗଳବାର ବ୍ରାହ୍ମ ମୁହୂର୍ତ୍ତରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ରେମେଡସ୍ଥିତ ଶ୍ରୀ କମଳେଶ୍ୱର ମହାଦେବ ମନ୍ଦିରଠାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ବୈଷ୍ଣବ ଅଗ୍ନି ପ୍ରଜ୍ୱଳନ ପୂର୍ବକ ମେଳା ପାଇଁ କଳସ ପୂଜା କରଯାଇଥିଲା। ପରେ ହନୁମାନଙ୍କୁ ଆବାହନ ପୂର୍ବକ ଅଷ୍ଟକୁଳବସୁ ନାଗ ପୂଜା କରାଯାଇ ଶୁଭସ୍ତମ୍ଭ ସଂସ୍ଥାପନ କରାଯାଇଥିଲା। ଆସନ୍ତା ୨୬ତାରିଖରେ ମେଳା ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲିବ। ବିଗତ ବର୍ଷ ଭଳି ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଏ ବର୍ଷ ମଧ ଦେଖିବାକୁ ମିଳିବ ବୋଲି ମେଳା କମିଟି ସଭାପତି ସୁଧୀର ବିଶାଳ କହିଛନ୍ତି। ମେଳା ପାଖେଇ ଆସୁଥିବା ବେଳେ ମହାନଗର ନିଗମ ତରଫରୁ ଷ୍ଟ୍ରିଟ୍ ଲାଇଟ୍, ସଫାସୁତୁରା କାର୍ଯ୍ୟ ଆରମ୍ଭ ହୋଇ ନାହିଁ। କୋଭିଡ ନିୟମ ମାନି ମେଳା ଆୟୋଜନ କରାଯାଉଥିବା ବେଳେ ସ୍ୱଚ୍ଛତା ଦୃଷ୍ଟିରୁ ଯଥାଶୀଘ୍ର କାମ ଆରମ୍ଭ କରିବା ପାଇଁ ମେଳା କମିଟି ସଭ୍ୟ ସୁବାସ ପୋଢ଼ ଅନୁରୋଧ କରିଛନ୍ତି।

# ବଡ଼ବନ୍ଧ ପୁନରୁଦ୍ଧାର ଦାବିରେ ଘେରାଉ



ଲୋକେ ପୌର ପରିଷଦ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ଦେବଗଡ଼,୧୫।୨(ଡି.ଏନ.ଏ)

ଦେବଗଡ ପୌରାଞ୍ଚଳର ପୁରୁଣାଗଡସ୍ଥିତ ବଡ଼ବନ୍ଧ ବର୍ତ୍ତମାନ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହା ଅଳିଆ ଆବର୍ଜନା ଓ ଦଳପୂର୍ଣ୍ଣ ହୋଇ କ୍ରମଶଃ ପୋତି ହେବାକୁ ବସିଛି। ଅନ୍ୟପକ୍ଷେ ଉକ୍ତ ପୋଖରୀ ରାସ୍ତାକୁ ସଂଯୋଗ କରୁଥିବା ପୋଲ ଭାଙ୍ଗି ଯାଇଥିବାରୁ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଫଳରେ ସ୍ନାନ ଶୌଚ ନିମନ୍ତେ ବଡ଼ବନ୍ଧ ଉପରେ ନିର୍ଭର କରୁଥିବା ପୁରୁଣାଗଡ ସମେତ ୩ଟି ୱାର୍ଡର ଜନସାଧାରଣ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନରୁଦ୍ଧାର ଲାଗି ଜନସାଧାରଣ ପୂର୍ବରୁ ବହୁବାର ଦେବଗଡ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଯୁବନେତା ସୁଧୀର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ପୁରୁଣାଗଡ ବାସିନ୍ଦା ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣାରେ ବସିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରିଣୀଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ସରସ୍ୱତୀ ମହାନନ୍ଦ ସେଠାକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଆଗାମୀ ଏକ ମାସ ମଧ୍ୟରେ ବଡ଼ବନ୍ଧର ପୁନରୁଦ୍ଧାର କରିବାକୁ ସେ ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ଧାରଣାରୁ ଉଠିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳି ସାହୁ, ଅଞ୍ଜଳି ସାହୁ, ମୋନାଲିସା ସାହୁ, ଅଲିଭା ସାହୁ, ମମତା ଦେହୁରୀ, ତପସ୍ୱିନୀ ସାହୁଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରତିଶ୍ରୁତି ଅନୁଯାୟୀ ପୌର ପରିଷଦ କର୍ତ୍ତୃପକ୍ଷ ଆଗାମୀ ଏକ ମାସ ମଧ୍ୟରେ ବଡ଼ବନ୍ଧର ପୁନରୁଦ୍ଧାର ନ କଲେ ତୀବ୍ର ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ୮୭୩ ଗୋଟି ବୁଥ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

ସୁନ୍ଦରଗଡ,୧୫।୨(ଡି.ଏନ୍.ଏ.)

**ସୁନ୍ଦରଗଡ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୧୬ ତାରିଖ ବୁଧବାର ସୁନ୍ଦରଗଡ ଜିଲାରେ ଅନୁଷ୍ଠିତ ହେଉଛି ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ । ଜିଲାର ବଡଗାଁ ବ୍ଲକର ୨ଟି, କୁଆଁରମୁଣ୍ଡା ବ୍ଲକର ୨ଟି, ଲାଠିକଟା ବ୍ଲକର ୨ଟି ଏବଂ ବଣାଇଁଗଡ ବ୍ଲକର ୨ଟି ଜିଲା ପରିଷଦ ଜୋନରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ୪୨ଜଣ ଜିଲା ପରିଷଦ ପ୍ରାର୍ଥୀ , ୩୪୩ ଜଣ ସରପଞ୍ଚ ପ୍ରାର୍ଥୀ, ୨୬୦ଜଣ ସମିତି ସଭ୍ୟ ପ୍ରାର୍ଥୀ ଏବଂ ୫୮୨ଜଣ ଓାର୍ଡ ମେମ୍ବରଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ । ପ୍ରଥମ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୮୧ହଜାର ୫୫ଜଣ ମତଦାତା ୮୭୩ ଗୋଟି ବୁଥରେ ପଞ୍ଚାୟତ ନିର୍ବାଚନ ପାଇଁ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏହି ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ ସମସ୍ତ ପୋଲିଂ କର୍ମଚାରୀ ସୁରକ୍ଷିତ ଭାବେ ଭୋଟଗ୍ରହଣ କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ସୁଦ୍ଧା ପହଞ୍ଚି ସାରିଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି । ବଡଗାଁ ବ୍ଲକରେ ୧୨୯ ଗୋଟି ଉତ୍ତେଜନାପ୍ରବଣ ବୁଥ ଚିହ୍ନଟ ହୋଇଛି । କୁଆଁରମୁଣ୍ଡା ବ୍ଲକରେ ୧୩୮ ଗୋଟି ଉତ୍ତେଜନା ପ୍ରବଣ ବୁଥ ମଧ୍ୟରୁ ୧୩୩ ଗୋଟି ବୁଥକୁ ଅତି ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ସେହିପରି ଲାଠିକଟା ବ୍ଲକରେ ୧୧୮ଗୋଟି ଉତ୍ତେଜନା ପ୍ରବଣ ବୁଥ ମଧ୍ୟରୁ ୯ଗୋଟି ଅତି ଉତ୍ତେଜନା ପ୍ରବଣ ବୁଥ ରହିଥିବା ବେଳେ ବଣାଇଁଗଡ ବ୍ଲକରେ ୭୪ଗୋଟି ବୁଥ ଉତ୍ତେଜନା ପ୍ରବଣ ରହିଛି । ଏହିସବୁ ବୁଥଗୁଡିକରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି ।

## ଆୟୁର୍ବେଦିକ ଡାକ୍ତର ଗିରଫ

ରାଉରକେଲା ଅଫିସ,୧୫।୨

ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ ଏବଂ ଅସଦାଚରଣ କରିବା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣେ ଆୟୁର୍ବେଦିକ ଡାକ୍ତରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବିରେନ୍ଦ୍ର କୁମାର ବେହେରା(୫୮)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬/୨୨) ରୁଜୁ କରିଛି। ସୂଚନା ଅନୁସାରେ, ବିରେନ୍ଦ୍ର ଦାଣ୍ଡିଆପାଲୀ ସ୍ଥିତ ଜେ.ପି ହସ୍ପିଟାଲରେ ଆୟୁର୍ବେଦିକ ଡାକ୍ତର ଭାବେ କାମ କରୁଥିଲେ। ଗତ ଜାନୁୟାରୀ ୨୮ରେ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି କାରଣରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ପରେ ଡାକ୍ତର ଜଣଙ୍କ ଉକ୍ତ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଫୋନ ଯୋଗେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିବା ନେଇ ଗତ ୮ତାରିଖରେ ଜେ.ପି ହସ୍ପିଟାଲର ଏଚ୍ଆର ମୌସୁମୀ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିଲେ।

## ମତଦାନ କରିବେ ୨୬ ପଞ୍ଚାୟତର ୮୩,୦୫୦ ଭୋଟର

ଦେବଗଡ଼/ରିଆମାଳ, ୧୫।୨(ଡି.ଏନ.ଏ)

**ରିଆମାଳ ବ୍ଲକ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଦେବଗଡ ଜିଲାର ରିଆମାଳ ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରିଆମାଳ କଲେଜରେ ନୋଡାଲ ସେଣ୍ଟର ହୋଇଛି। ଏଠାରୁ ସମସ୍ତ ପୋଲିଂ ପାର୍ଟିକୁ ସ୍ୱତନ୍ତ୍ର ଗାଡି ଦ୍ୱାରା ବିଭିନ୍ନ ବୁଥ୍‌କୁ ପଠାଯାଇଛି। ସମସ୍ତ ପୋଲିଂ ପାର୍ଟି ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିଜ ନିଜ ବୁଥ୍‌ରେ ପହଞ୍ଚିଥିବା ଜଣାପଡିଛି। ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଡିଆର୍‌ଡିଏ ପିଡି ଲୁକାସ ପ୍ରଧାନ ଓ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଏଥର ରିଆମାଳ ବ୍ଲକର ୩୧୨ଟି ବୁଥ୍‌ରେ ମତଦାନ ହେବାକୁ ଥିବା ବେଳେ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୋଲିଂ ଅଫିସର, ସେକେଣ୍ଡ ପୋଲିଂ ଅଫିସର ଏବଂ ଜଣେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମହିଳାଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପିଙ୍କ ବୁଥ୍ ମଧ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ଲକର ୨୬ ପଞ୍ଚାୟତରେ ୮୩,୦୫୦ ଜଣ ଭୋଟର ମତଦାନ କରିବେ। ବ୍ଲକରେ ୨୬୫ଟି ସାଧାରଣ ବୁଥ୍ ରହିଥିବା ବେଳେ ୪୭ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସମ୍ବେଦନଶୀଳ ବୁଥ ମାନଙ୍କରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି।

# ଭୋଟ୍ ପାଇଁ ବୁଥ୍‌ରେ ପୋଲିଂ ପାର୍ଟି

ଝାରସୁଗୁଡ଼ା ଅଫିସ,୧୫।୨

**ପ୍ରଥମ ପର୍ଯ୍ୟାୟରେ ୪୩୨ ବୁଥ୍‌ରେ ୧,୩୧,୪୬୫ ଭୋଟର ମତଦାନ କରିବେ**

ଝାରସୁଗୁଡ଼ା ଜିଲାରେ ପ୍ରଥମ ପର୍ଯ୍ୟାୟ ୧୬ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୧୮ତାରିଖରେ ହେବ। ଝାରସୁଗୁଡା, ଲଇକେରା ଓ କିର୍ମିରା ବ୍ଲକ୍‌ର ୩୬ ପଞ୍ଚାୟତର ସମୁଦାୟ ୪୩୨ ବୁଥ୍‌ରେ ୧,୩୧,୪୬୫ ଭୋଟ୍‌ର ମତଦାନ କରିବେ। ଝାରସୁଗୁଡ଼ା ବ୍ଲକ୍‌ର ୩୯ ବୁଥ୍, ଲଇକେରା ବ୍ଲକ୍‌ର ୧୯ ବୁଥ୍ ଓ କିର୍ମିରା ବ୍ଲକ୍‌ର ୧୦ ବୁଥ୍ ଉତ୍ତେଜନା ପ୍ରବଣ ରହିଛି। ପ୍ରତି ବୁଥ୍‌ରେ ଜଣେ ଫାଷ୍ଟ ପୋଲିଂ ଅଫିସର, ଜଣେ ସେକେଣ୍ଡ ପୋଲିଂ ଅଫିସର, ଜଣେ ପ୍ରିଜାଇଡିଂ ଅଫିସର ଓ ଜଣେ ପୋଲିସଙ୍କୁ ଦିଆଯାଇଛି । ଯେଉଁ ବୁଥ୍‌ରେ ୫ଶହରୁ ଅଧିକ ଭୋଟର ଅଛନ୍ତି ସେଠାରେ ଆଉ ଜଣେ ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ପୋଲିଂ ପାର୍ଟି ନିଜନିଜ ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ନିର୍ବାଚନକୁ ମୁକ୍ତ ନିରପେକ୍ଷ କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏସ୍‌ପି ବିକାଶ ଚନ୍ଦ୍ର ଦାସ କହିଛନ୍ତି, ପ୍ରତି ବୁଥ୍‌ରେ ପୋଲିସ୍ କନଷ୍ଟେବଳ, ହୋମ୍‌ଗାର୍ଡ ଓ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୩ ମୋବାଇଲ ପାଟ୍ରୋଲିଂ ଟିମ୍ ରହିଥିବାବେଳେ ପ୍ରତି ଟିମ୍‌ରେ ଜଣେ ଅଫସର, ଜଣେ ହାବିଲଦାର ଓ ୨ଜଣ କନଷ୍ଟେବଳ ରହିନ୍ତେ। ୩ ଟିମ୍ ପାଇଁ ଜଣେ ସେକ୍ଟର ଅଫିସର, ୩ ଜୋନ୍ ପାଇଁ ୩ଜଣ ଡିଏସ୍‌ପି, ଝାରସୁଗୁଡା ବ୍ଲକ୍ ପାଇଁ ଜଣେ ଅତିରିକ୍ତ ଏସ୍‌ପି ଓ ଲଇକେରା ବ୍ଲକ୍, କିର୍ମିରା ବ୍ଲକ୍ ପାଇଁ ଜଣେ ଅତିରିକ୍ତ ଏସ୍‌ପି ନିୟୋଜିତ ହୋଇଛନ୍ତି। ଏହି ୩ବ୍ଲକ୍‌ର ୫ ସ୍ଥାନରେ ପୋଲିସ ଚେକ୍‌ପୋଷ୍ଟ କରାଯାଇଛି। ପ୍ରତି ଥାନାରେ ଫ୍ଲାଇଂ ଫୋର୍ସ ରଖାଯାଇଛି । ମତଦାନ ପରେ ଭୋଟ୍‌ବାକ୍ସ ରଖାଯିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି।


ବୁଥ୍‌କୁ ଯାଉଛନ୍ତି ପୋଲିଂ ପାର୍ଟି କର୍ମଚାରୀ ଓ ଅଧିକାରୀ।

**ସମିତି ସଭ୍ୟ ପାଇଁ ତ୍ରିମୁଖୀ ଲଢେଇ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତରେ ସମିତି ସଭ୍ୟ ପାଇଁ ତ୍ରିମୁଖୀ ଲଢେଇ ହେଉଛି। ସମିତି ସଭ୍ୟ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସୁମିତ୍ରା କୁମ୍ଭାର, ଜୟନ୍ତୀ ବାରି ଓ ଶ୍ରୀମତି ବାଗଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଭୋଟରଙ୍କ ମନ ଜିଣିବାକୁ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି।

# ଗଡ଼ରକ୍ଷା ଭାଜପା ପାଇଁ ଚ୍ୟାଲେଞ୍ଜ

ଲୋଇସିଂହା,୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ୧ ଏବଂ ୨ ନଂ ଜିଲା ପରିଷଦ ଜୋନ ରହିଛି। ୭୫ ହଜାର ୫୭୩ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଗତ ନିର୍ବାଚନରେ ଉଭୟ ଜୋନରେ ଭାଜପା ବିଜୟୀ ହୋଇଥିଲା । ହେଲେ ଚଳିତ ଥର ଦୃଶ୍ୟପଟ୍ଟ ବଦଳିଛି। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦୁଇଟି ଯାକ ଜୋନକୁ ଦଖଲ କରିବାକୁ ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଉଭୟ ଜୋନରେ ଭୋଟ ଗ୍ରହଣ ହେବ ।

୯ଟି ପଞ୍ଚାୟତକୁ ନେଇ ଗଠିତ ୧ ନଂ ଜୋନ ଚଳିତ ନିର୍ବାଚନରେ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ଏଠାରୁ ବିଜେଡିରୁ ଦେବକୀ ସାହୁ, କଂଗ୍ରେସରୁ ଗଣେଶ ସାହୁ ଏବଂ ଭାଜପାରୁ ସମୀର ସିଂଦେଓ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୭ରେ ଭାଜପା ପ୍ରାର୍ଥୀ ଭାରତୀ ମହାନନ୍ଦ ଏଠାରୁ ବିଜୟୀ ହୋଇ ଜିଲା ପରିଷଦ ଅଧ୍ୟକ୍ଷା ହୋଇଥିଲେ । ଅଧ୍ୟକ୍ଷ ପଦରେ ଥାଇ ମଧ୍ୟ ଏହି ଅଞ୍ଚଳର ଯେତିକି ବିକାଶ ହେବା କଥା ତାହା ହୋଇ ନ ଥିବା ଭାରତୀଙ୍କ ବିରୋଧୀମାନେ ଅଭିଯୋଗ କରିଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପାଇଁ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ମନ୍ତ୍ରୀ ସୁଶାନ୍ତ ସିଂ ପ୍ରଚାର କରିଛନ୍ତି। ୨୦୧୭ରେ ଜିଲା ପରିଷଦ ଗଠନ କରିଥିଲେ ବି ଭାଜପା ଜିଲାର କୌଣସି ବିକାଶ କରି ପାରିନାହିଁ। ବିଜେଡି ସରକାର କେବଳ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ କରିବ ଓ ବଲାଙ୍ଗୀରର ବିକାଶ ହେବ ବୋଲି ଉଭୟ ନେତା କହି ଦଳ ପାଇଁ ଭୋଟଭିକ୍ଷା କରିଛନ୍ତି। କଂଗ୍ରେସ ପାଇଁ ବିଧାୟକ ନରସିଂହ ମିଶ୍ର ପ୍ରଚାରର ମଙ୍ଗ ଧରିଛନ୍ତି। କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ବିକାଶ ନାଁରେ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଏଣୁ କଂଗ୍ରେସକୁ ଭୋଟ ଦେଇ ସଶକ୍ତ ବଲାଙ୍ଗୀର ଗଠନ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଭାଜପା ପାଇଁ ବିଧାୟକ ମୁକେଶ ମହାଲିଙ୍ଗ ଘର ଘର ବୁଲି ଭୋଟଭିକ୍ଷା କରିଛନ୍ତି।

ସେହିପରି ଅଣସଂରକ୍ଷିତଙ୍କ ପାଇଁ ଉଦ୍ଦିଷ୍ଟ ଜୋନ ୨ରେ ବିଜେଡିରୁ ବୀଣାପାଣି ଦାଶ, ଭାଜପାରୁ ବୈଶାଖୁ ପଟେଲ ଏବଂ କଂଗ୍ରେସର ଧନଞ୍ଜୟ ପଟେଲ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ପୂର୍ବରୁ ଜିଲା ପରିଷଦ ସଭ୍ୟ ଥିଲେ । ଉଭୟଙ୍କ ନିର୍ବାଚନ ଲଢିବା ଅଭିଜ୍ଞତା ରହିଛି । ହେଲେ ବୟସାଧିକ ହୋଇଥିବାରୁ ସେମାନେ ନିର୍ବାଚନୀ ପ୍ରଚାରରେ ସେତେଟା ସକ୍ରିୟ ହୋଇ ପାରି ନାହାନ୍ତି। ଭାଜପା ପ୍ରାର୍ଥୀ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ରଙ୍କ ପ୍ରଚାରରେ ନିର୍ବାଚନୀ ବୈତରଣୀ ପାର ହେବା ଆଶା ରଖିଛନ୍ତି। ବିଜେଡିର ବୀଣାପାଣି ଦାସ ଜଣେ ଉଚ୍ଚ ଶିକ୍ଷିତା। ହେଲେ ନିର୍ବାଚନ ରାଜନୀତିରେ ସେ ନବାଗତ । ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ବିଜେଡି ସରକାରର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସେ ଲୋକଙ୍କୁ ବୁଝାଇ ଭୋଟଭିକ୍ଷା କରୁଛନ୍ତି। ଉଭୟ ଜୋନରେ ବିଜୟୀ ହୋଇ ଗଡରକ୍ଷା କରିବା ଭାଜପା ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ବିଜେଡି ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

**ଆଗଲପୁର ବ୍ଲକ ୧, ୨ ନଂ ଜିଲା ପରିଷଦ ଜୋନ**

## ସଂକ୍ଷେପରେ

### ୬୪୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୯୪୮୬୭ ମତଦାତା

**ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ବୌଦ୍ଧ,୧୫।୨(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ୧୬ ତାରିଖରେ କଣ୍ଟାମାଳ ବ୍ଲକର ତିନୋଟି ଜିଲା ପରିଷଦ ଜୋନରେ ୯୪୮୬୭ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ୩୩୦ ଗୋଟି ମତଦାନ କେନ୍ଦ୍ର ପାଇଁ ୧୦୪୭ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୨୦ କର୍ମଚାରୀଙ୍କୁ ରିଜର୍ଭ ଭାବରେ ରଖାଯାଇଛି। ପ୍ରତ୍ୟେକ ବୁଥ ପାଇଁ ଜଣେ ଲେଖାଏ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ନିୟୋଜିତ କର୍ମଚାରୀମାନେ ପୁଲିଂ ବୁଥଗୁଡିକରେ ପହଞ୍ଚି ସାରିଛନ୍ତି। ତିନୋଟି ଜିଲା ପରିଷଦ ଆସନ ପାଇଁ ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୨୪ଟି ପଞ୍ଚାୟତ ପାଇଁ ୯୨ ଜଣ ସରପଞ୍ଚ, ୭୧ ଜଣ ସମିତି ସଭ୍ୟ ଓ ୩୩୦ଟି ୱାର୍ଡ ପାଇଁ ୪୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କଣ୍ଟାମାଳ ବ୍ଲକରେ ସର୍ବାଧିକ ୩୩୦ଟି ବୁଥ ରହିଛି । ସେଥିମଧ୍ୟରୁ ୪୪ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୩୯ଟି ଅତିସମ୍ବେଦନଶୀଳ ବୁଥ ଭାବରେ ଚିହ୍ନଟ କରାଯାଇଛି।

### ନୂଆପଡ଼ା ସଦର ବ୍ଲକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି

**୨୧ ମାଓବାଦୀପ୍ରବଣ, ୬୮ ସମ୍ବେଦନଶୀଳ ବୁଥ୍**

ନୂଆପଡ଼ା ଅଫିସ,୧୫।୨: ନୂଆପଡା ସଦର ବ୍ଲକରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନୂଆପଡା ସଦର ବ୍ଲକରେ ମୋଟ ୩୬୬ ବୁଥ ରହିଛି। ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଗୋଲାପି ବୁଥ ଓ ଗୋଟିଏ ଅର୍ଦ୍ଧଗୋଲାପି ବୁଥ କରାଯାଇଛି। ଗୋଲାପି ବୁଥରେ ସମସ୍ତ ୩ଜଣ ପୋଲିଂ ଓ ସୁରକ୍ଷା ଅଧିକାରୀ ରହିବେ। ଅର୍ଦ୍ଧ ଗୋଲାପି ବୁଥରେ ୨ଜଣ ମହିଳା ଓ ୨ଜଣ ପୁରୁଷ ଅଧିକାରୀ ରହିବା ବ୍ୟାବସ୍ଥା କରାଯାଇଛି। ସଦର ବ୍ଲକର ଡୁମେରପାଣି ପଞ୍ଚାୟତର ୮ୱାର୍ଡ ଓ ଆମସେନା ପଞ୍ଚାୟତର ୫ ୱାର୍ଡକୁ ଅର୍ଦ୍ଧଗୋଲାପି ବୁଥ ଭାବେ ଚିହ୍ନଟ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ୩୬୬ ବୁଥରେ ୩ଜଣ ଲେଖାଏ ପୋଲିଂ କର୍ମଚାରୀ ମୋଟ ୧୦୯୮ ଜଣଙ୍କୁ ନିଯୁକ୍ତ କରାଯାଇଛି। ବ୍ଲକର ସମ୍ପୂର୍ଣ୍ଣ ବୁଥକୁ ୧୮ଟି ସେକ୍ଟରରେ ବିଭକ୍ତ କରି ୧୮ଜଣ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ୩୬୬ଟି ବୁଥ ମଧ୍ୟରୁ ୨୧ଟି ମାଓବାଦୀପ୍ରବଣ ଓ ୬୮ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ୩୬୬ ବୁଥ ପାଇଁ ଜଣେ ଲେଖାଏଁ ସୁରକ୍ଷା କର୍ମୀଙ୍କ ସହ ୨୦ଟି ଭ୍ରାମ୍ୟମାଣ ସୁରକ୍ଷା ଦଳ, ୬ଟି ସେକ୍ଟର ଓ ୩ଟି ନୀରିକ୍ଷଣ ଦଳ ଗଠନ କରାଯାଇଛି। ମୋଟ ୨୯ଜଣ ପୋଲିସ ଅଧିକାରୀ, ୪୪୪ଜଣ କନଷ୍ଟେବଲଙ୍କୁ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଥିବା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି ବ୍ଲକରେ ୩୧ଟି ପଞ୍ଚାୟତରେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ମୋଟ ୮୦୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୮,୯୦୯ ଜଣ ଭୋଟର। ୩୧ ପଞ୍ଚାୟତରେ ୧୨୯ଜଣ ସରପଞ୍ଚ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। କେନ୍ଦୁବାହାରା, ମୋଟାନୂଆପଡା, ଭରୁଆମୁଣ୍ଡା ଓ ବିରୋମାଲ ପଞ୍ଚାୟତରେ ୪ଜଣ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୧୪ଜଣ ୨୭ ପଞ୍ଚାୟତରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ସେହିପରି ସଦର ବ୍ଲକର ୩ଟି ଜିଲା ପରିଷଦ ଜୋନରେ ବିଜେଡି, ଭାଜପା, କଂଗ୍ରେସ ଓ ବହୁଜନ ସମାଜ ପାର୍ଟିରୁ ମୋଟ ୧୦ଜଣ ପ୍ରାର୍ଥୀ ରହିଛନ୍ତି।

### କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର

ବୋଡେନ,୧୫।୨(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ କଂଗ୍ରେସ ଜୋର୍‌ଦାର ପ୍ରଚାର କରୁଛି। ଏହି ୧୦ ନଂ. ଜୋନରେ କଂଗ୍ରେସ ପ୍ରାର୍ଥିନୀ ଚିତ୍ରରେଖା ମହାନନ୍ଦଙ୍କ ସମର୍ଥକମାନଙ୍କ ସହିତି ବୋଡେନ ଗାଁରେ ପ୍ରଚାର କରିଛନ୍ତି। ଆଶ୍ରମପଡାଠାରୁ ସାପ୍ତାହିକ ବଜାର, ବୋଡେନ ବସ୍ତି, ବିନପୁର ପ୍ରଭୃତି ଗାଁଗୁଡିକୁ ଘର ଘର ବୁଲି ଭୋଟ ଭିକ୍ଷା ମାଗିଥିଲେ। ବ୍ଲକ କଂଗ୍ରେସ ସଭାପତି ହିରାଲାଲ ମାଝି, ଭାଗୀରଥି ଦଣ୍ଡସେନା, ହିତେଶ ଦୁରିଆ ପ୍ରମୁଖଙ୍କ ସହ କଂଗ୍ରେସର ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

## ୮୬୯ କେନ୍ଦ୍ରରେ ହେବ ମତଦାନ

**ଆଜି ପ୍ରଥମ ପର୍ଯ୍ୟାୟ ଭୋଟ୍**

ବରଗଡ଼ ଅଫିସ,୧୫।୨

ବରଗଡ଼ ଜିଲାରେ ବୁଧବାର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ପୋଲିଂ କର୍ମଚାରୀମାନେ ଭୋଟ୍ ଗ୍ରହଣ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ରାହୁଲ ଜୈନ ବିଭିନ୍ନ ଭୋଟ୍ ଗ୍ରହଣ କେନ୍ଦ୍ର ପରିଦର୍ଶନ କରିବା ସହିତ ମତଦାନ ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଭୋଟ ଗ୍ରହଣ କେନ୍ଦ୍ରଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ଜିଲାର ଅମ୍ବାଭୋନା, ଭଟଲି, ଝାରବନ୍ଧ, ପାଇକମାଳ ବ୍ଲକର ସମୁଦାୟ ୬୭ ପଞ୍ଚାୟତର ୮୬୯ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ୨ଲକ୍ଷ ୭୨ହଜାର ୧୩୨ ଜଣ ଭୋଟ୍ ଦେବାକୁ ଥିବାବେଳେ ୧୧୦୨ ୱାର୍ଡସଭ୍ୟ, ୨୯୧ ସରପଞ୍ଚ, ୧୭୯ ସମିତି ସଭ୍ୟ ଏବଂ ୨୭ ଜିଲା ପରିଷଦ ପ୍ରାର୍ଥୀ ନିଜ ନିଜ ଭାଗ୍ୟ ପରୀକ୍ଷା କରିବେ।

ଅମ୍ବାଭୋନା ବ୍ଲକର ୧୫ ପଞ୍ଚାୟତରେ ୧୯୧ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଏଠାରେ ୫୧ହଜାର ୧୮୭ଭୋଟର ଥିବାବେଳେ ୧୭୬ ୱାର୍ଡସଭ୍ୟ, ୫୬ ସରପଞ୍ଚ, ୨୬ ସମିତିସଭ୍ୟ ଏବଂ ୪ ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ସେହିପରି ଭଟଲି ବ୍ଲକ ଅନ୍ତର୍ଗତ ୧୬ ପଞ୍ଚାୟତର ୨୧୯ ଭୋଟ ଗ୍ରହଣ କେନ୍ଦ୍ରରେ ୭୧ହଜାର ୫ଜଣ ଭୋଟର ଅଛନ୍ତି। ଏଠାରେ ୨୬୦ ୱାର୍ଡସଭ୍ୟ, ୬୨ ସରପଞ୍ଚ, ୪୧ ସମିତିସଭ୍ୟ ଏବଂ ୬ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ଝାରବନ୍ଧ ବ୍ଲକର ୧୬ପଞ୍ଚାୟତର ୧୮୫ ଭୋଟ ଗ୍ରହଣ କେନ୍ଦ୍ରରେ ୬୦ହଜାର ୭୯୦ ଭୋଟର ଅଛନ୍ତି। ଏଠାରେ ୨୮୬ ୱାର୍ଡସଭ୍ୟ, ୬୬ ସରପଞ୍ଚ, ୪୩ ସମିତିସଭ୍ୟ ଏବଂ ୮ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେହିପରି ପାଇକମାଳ ବ୍ଲକର ୨୨ପଞ୍ଚାୟତରେ ୨୭୪ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଏଠାରେ ୩୮୦ ୱାର୍ଡସଭ୍ୟ, ୧୦୭ ସରପଞ୍ଚ, ୬୯ ସମିତିସଭ୍ୟ ଏବଂ ୯ ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ୮୯,୧୫୦ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

## ଲୋଇସିଂହାରେ ପ୍ରଚାର ଜୋରଦାର କଲା ବିଜେଡି



ବିଜେଡି ପ୍ରାର୍ଥିନୀ ଲିଲିମା ବେହେରା ସମର୍ଥକଙ୍କ ସହ ଲୋଇସିଂହାରେ ରାଲିରେ ଯାଉଛନ୍ତି।

ଲୋଇସିଂହା,୧୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ସଦର ମହକୁମାରେ ବିଜେଡି ତାର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ମଙ୍ଗଳବାର ୩୩ ନଂ ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଲିଲିମା ବେହେରା ସମର୍ଥକଙ୍କ ସହ ଲୋଇସିଂହା ଅଗ୍ରସେନ ଭବନରୁ ବାହାରି ନୂଆପଡା, ସଂହରାପଡା, ଡେଲିମାର୍କେଟ, କୁମ୍ଭାରପଡାର ଘରକୁ ଘର ଯାଇ ପ୍ରଚାର କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ବିଜୟୀ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ସେ ନିବେଦନ କରିଥିଲେ। ଜୋନ ଅନ୍ତର୍ଗତ ୯ଟି ଯାକ ପଞ୍ଚାୟତରେ ପ୍ରଚାର ସମୟରେ ବିଜେଡି ପ୍ରତି ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ଜଣାଉଥିବା ଦେଖି ସେ ଅଭିଭୂତ ବୋଲି କହିଛନ୍ତି। ପ୍ରଚାର ବେଳ ଡେଲିମାର୍କେଟରେ କେତେକ ତାଙ୍କୁ ପ୍ରଶ୍ନ କରିବା ନେଇ ଲିଲିମା କହିଛନ୍ତି ଯେ, କାହାର ପ୍ରରୋଚନାରେ ପଡି ସେମାନେ ଏପରି କରି ଥାଇ ପାରନ୍ତି। ତେବେ ଜଣେ ପ୍ରାର୍ଥୀଭାବେ ସେ ସମସ୍ତଙ୍କୁ ଭେଟିବେ ଓ ସେମାନଙ୍କ ସମସ୍ୟା ଶୁଣିବେ। ବିଜୟୀ ହେଲେ ଜୋନର ସର୍ବାଙ୍ଗୀନ ବିକାଶ ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ନିରଞ୍ଜନ

ସୋନପୁର,୧୫।୨(ନି.ପ୍ର.)



ଧଉରାଖମନ ଗାଁରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରଚାର କରୁଛନ୍ତି।

ସୋନପୁର ବ୍ଲକର ୨ଟି ଯାକ ଜିଲା ପରିଷଦ ଜୋନରେ ଭାଜପା ପ୍ରାର୍ଥୀ ଗତ ୨୦୧୭ ଜିଲା ପରିଷଦ ନିର୍ବାଚନରେ ବିଜୟ ଲାଭ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ନିଜର ଗଡ ରକ୍ଷା କରିବାକୁ ଅପ୍ରାଣ ଉଦ୍ୟମ କରୁଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। ମଙ୍ଗଳବାର କଳାପଥର ପଞ୍ଚାୟତର ଧଉରାଖମନ, ନନ୍ଦନମାଳ, ସରଧାପାଲି ଓ ଭୋଇପାଲି ଗ୍ରାମରେ ପଦଯାତ୍ରା କରି ୨ ନମ୍ବର ଜୋନ ଜିଲା ପରିଷଦ ପ୍ରାର୍ଥୀ ମଧୁସୂଦନ ଓତା ଓ ସମିତି ସଭ୍ୟ ପ୍ରାର୍ଥୀନୀ ସସ୍ମିତା ଜୋନାଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସେହିପରି ସୋମବାର ହରଡଖୋଲ ଓ ମଲ୍ଲିକମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ୧ ନମ୍ବର ଜୋନର ଜିଲା ପରିଷଦ ପ୍ରାର୍ଥୀନୀ ସସ୍ମିତା ମହାନ୍ତିଙ୍କ ପାଇଁ ପ୍ରଚାର କରିଥିଲେ। ଲୋକଙ୍କ ନିକଟରେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ନିର୍ବାଚନମଣ୍ଡଳୀର ବିକାଶର ବାର୍ତ୍ତାକୁ ପହଞ୍ଚାଇବା ସହ ବିପୁଳ ସଖ୍ୟାରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କ ସହ ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ମଧୁସୂଦନ ମିଶ୍ର, ସିଡୁ ମହାପାତ୍ର, ପିୟୁଷ କୁମାର ପଣ୍ଡା ଓ ଗୋପାଳ ବରେଇ ପ୍ରମୁଖ ସାମିଲ ହୋଇଥିଲେ।

## ଅର୍ଜୁନପୁରରେ ବିଜେଡିର ମିଶ୍ରଣ ପର୍ବ

ଦେଓଗାଁ,୧୫।୨(ଡି.ଏନ.ଏ.)



ଅର୍ଜୁନପୁରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡି ନେତୃବର୍ଗ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ନଂ ଜୋନରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର ଜୋରଦାର ଚାଲିଛି। ମଙ୍ଗଳବାର ଏହି ଜୋନର ଅର୍ଜୁନପୁରରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଉମା ଶଙ୍କର ସିଂଙ୍କ ସଭାପତିତ୍ୱ ତଥା ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରିବାସହ ବିଜେଡି ସପକ୍ଷରେ ଭୋଟଭିକ୍ଷା କରିଥିଲେ। ଏ ଅବସରରେ ଅର୍ଜୁନପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଆଦିକନ୍ଦ ଛତ୍ରିଆ, ଉଗ୍ରସେନ ସାହୁ, ଗିରିଧାରୀ ଭୋଇ ନିଜ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଖଗସୀକନାରେ ବିଜୟ ସାହୁ, ଲିଙ୍ଗରାଜ ସାହୁ, ଇନ୍ଦ୍ରମଣି ସାହୁ, ଅଜିତ ବାରିକ, ଅଭିମନ୍ୟୁ ପୁଟା,ଗୋଲାପ ସାହୁ, ବୃନ୍ଦାବନ ହରପାଲ ଓ ରାମ ବାଗ ପ୍ରମୁଖ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ । ମୁଖ୍ୟ ଅତିଥି ଅନଙ୍ଗ ଉଦୟ ସିଂଦେଓ ସମସ୍ତ ନୂତନଭାବେ ଯୋଗଦେଇଥିବା କର୍ମକର୍ତ୍ତାଙ୍କୁ ଦଳୀୟ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପରେ ଏକ ବାଇକ ଶୋଭାଯାତ୍ରାରେ ଶତାଧିକ କର୍ମକର୍ତ୍ତା ମକୁନ୍ଦପୁର ପଞ୍ଚାୟତରୁ ବାହାରି କୁଲତାପଡା, ମୁଣ୍ଡପଲା, ମାଳପଡା, ଅର୍ଜୁନପୁର, ଗୁଡଖାପଲା ଓ ଖଗସିକନା ଆଦିଗାଁକୁ ଯାଇ ଜିଲା ପରିଷଦ ପ୍ରାର୍ଥୀନୀ ସୁମତୀ ସେଠଙ୍କୁ ବିଜୟୀ କରିବାପାଇଁ ନିବେଦନ କରିଥିଲେ।

## ତାଲିକାରେ ୯୦ ଭୋଟରଙ୍କ ନାମ ନାହିଁ

ଲାଠୋର, ୧୫।୨(ଡି.ଏନ.ଏ.)

ରାତି ପାହିଲେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ୧୧ନଂ ୱାର୍ଡର ୯୦ ଭୋଟରଙ୍କ ନାମ ଭୋଟର ତାଲିକାରେ ନାହିଁ। କେଉଁ ପରିସ୍ଥିତିରେ ସେମାନଙ୍କ ନାମ ତାଲିକାରେ ନାହିଁ ତାହା ସେମାନେ ବୁଝି ପାରୁ ନ ଥିବା ହାରା ମାଝି, ଜୟ କୁମାରୀ ମାଝି, ବିଶାଖା ନାଗ, ପାର୍ବତୀ ନାଗ, ବିମଳା ବରିହା, ଉଲାସ ବରିହା ପ୍ରମୁଖ କହିଛନ୍ତି। ଏନେଇ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣିଙ୍କୁ ପଚାରିବାରୁ ତ୍ରୁଟି ସୁଧାରିବା ପାଇଁ ଭୋଟରମାନଙ୍କୁ ସମୟ ଦିଆଯାଇଥିଲା। ଯିଏ ସୁଧାରିଛନ୍ତି ତାଙ୍କ ନାମ ତାଲିକାରେ ରହିଛି ବୋଲି କହିଛନ୍ତି।

## କଂଗ୍ରେସ ନେତୃତ୍ୱ ଗାଁରେ ବିକାଶ ଆଣିବ: ନରସିଂହ



ବିଧାୟକ ନରସିଂହ ମିଶ୍ର ପୁଇଁନ୍ତଲା ବ୍ଲକ ଅଞ୍ଚଳରେ ନିର୍ବାଚନ ପ୍ରଚାର କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୫।୨

ପ୍ରତ୍ୟେକ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଲୋକଙ୍କଠାରୁ ବହୁ ମୂଲ୍ୟ ଭୋଟ ନେଉଛନ୍ତି । ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଲା ପରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କେଉଁ ଦଳକୁ ଭୋଟ ଦେଲେ ନିଜର ଅଞ୍ଚଳ ପ୍ରକୃତରେ ବିକଶିତ ହେବ ସେପ୍ରତି ଲୋକମାନେ ସଚେତନ ହୁଅନ୍ତୁ । ଆପଣଙ୍କ ଏକତା ଓ ସଠିକ ନିର୍ଣ୍ଣୟ ଅଞ୍ଚଳକୁ ବିକଶିତ କରିବ। ତେଣୁ ସମସ୍ତେ ଏକତ୍ରିତ ହୋଇ ହାତ ଚିହ୍ନରେ ଭୋଟ ଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ନିର୍ବାଚିତ କଲେ ଅଞ୍ଚଳର ବିକାଶ ସୁନିଶ୍ଚିତ। ପୁଇଁନ୍ତଲା ବ୍ଲକ ୧୭ ନମ୍ବର ଜିଲା ପରିଷଦ ଜୋନର କଂଗ୍ରେସ ପ୍ରାର୍ଥୀ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସହ ନିର୍ବାଚନୀ ପ୍ରଚାର ସମୟରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଲୋକଙ୍କୁ ଏହି ନିବେଦନ କରିଛନ୍ତି।

ମଙ୍ଗଳବାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବୁଢ଼ୀସିଣ୍ଡୋଲି, ଜୁହ୍ନାପଦର, ଅଁଳାସାରୀ, ଛତାମଖନା ଓ ଲାଦେରବାହାଲ ଗ୍ରାମରେ ପ୍ରଚାର ସମୟରେ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଜନତା ଭୋଟ ଦେବା ବେଳେ କାହାରି ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ। ସରକାରୀ ଦଳର ଗୁଣ୍ଡାମାନେ ଲୋକଙ୍କୁ ଭୟଭୀତ କରିବାର ଅପଚେଷ୍ଟା କରୁଥିବା ଖବର ଲଗାତାର ଭାବେ ଆସୁଛି । ଜଣେ ବରିଷ୍ଠ ବିଜେଡି ନେତା ତାଙ୍କ ଦଳର ନିର୍ବାଚନୀ ପ୍ରଚାର ପୂର୍ବରୁ ସେ ଅଞ୍ଚଳର ନିରୀହ ଆଦିବାସୀଙ୍କ ଉପରେ ପୋଲିସ ଲଗାଇ ମାନସିକ ନିର୍ଯାତନା ଦେଉଥିବା ଘଟଣା ଲୋକଲୋଚନକୁ ଆସିଥିବା ସେ କହିଥିଲେ। ବିଜେଡିସରକାର ଆଦିବାସୀଙ୍କ ନିର୍ବାଚନୀ ସଂରକ୍ଷଣ କାଟି ସେମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛି । ପୁଣି ଏବେ ପୋଲିସ ଲଗାଇ ଗରିବ ଆଦିବାସୀଙ୍କୁ ହଇରାଣ କରିବା ଆରମ୍ଭ କରିଛି। ତେଣୁ ଏଇ ନିର୍ବାଚନରେ ଆଦିବାସୀ, ଓବିସି ଓ ସାଧାରଣ ବର୍ଗର ଲୋକେ ଏକତ୍ରିତ ହୋଇ ବିଜେଡି-ଭାଜପା ସରକାରଙ୍କୁ ଉଚିତ ଜବାବ ଦିଅନ୍ତୁ ବୋଲି ସେ କହିଥିଲେ। ନିର୍ବାଚନୀ ପ୍ରଚାର ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ବ୍ଲକ ସଭାପତି ଉମାଶଙ୍କର ସାହୁ, ସାନନ୍ଦ ମିଶ୍ର, ବୁଲୁ ଦାନୀ, ଲୋପନ ମିଶ୍ର, ବିକି ପଣ୍ଡା ଓ ନାସିର ଖାନ ଉପସ୍ଥିତ ଥିଲେ।

## ବିଜେଡି-ଭାଜପା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ

ସୋନପୁର,୧୫।୨(ନି.ପ୍ର.)

**ସୋନପୁର ବ୍ଲକ ୧ ନଂ ଜିଲା ପରିଷଦ ଜୋନ**



ମଧୁସୂଦନ ଓତା(ବିଜେଡି)



ସଞ୍ଜୟ ଗୁପ୍ତା(ଭାଜପା)



ଶତ୍ରୁଘ୍ନ ଅମାତ(କଂଗ୍ରେସ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ୨ ନମ୍ବର ଜିଲା ପରିଷଦ ଜୋନରେ ବିଶିମୁଣ୍ଡା, କଳାପଥର, ଜନମୁରା, ହରଡଖୋଲ, ଖରଜୁରା, ଖାରୀ, ନାରାୟଣପୁର ଓ ବଲାଡି ଆଦି ୮ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୦୫। ଭୋଟର ସଂଖ୍ୟା ୩୨୮୦୬। ଆସନ୍ତା ୧୮ ତାରିଖ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବ। ୨୦୧୭ ନିର୍ବାଚନରେ ଉକ୍ତ ଜୋନରେ ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବିଶି ୬୦୩୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥିନୀ ମିନତୀ ସାହୁଙ୍କୁ ପରାସ୍ତ କରିଥିଲେ।

ଏଥର ଏହି ଜୋନ ଅସଂରକ୍ଷିତ ରହିଛି। କଂଗ୍ରେସ ଗତ ଥରର ପ୍ରାର୍ଥୀ ଶତ୍ରୁଘ୍ନ ଅମାତଙ୍କୁ ପୁଣି ଥରେ ମଇଦାନକୁ ଆଣିଛି। ବିଜେଡି ମଧୁସୂଦନ ଓତା, ଭାଜପା ସଞ୍ଜୟ ଗୁପ୍ତା ଓ ବିଏସ୍‌ପି ଅନିଲ କୁମାର ତାଣ୍ଡିଆଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ମଧୁସୂଦନ ଜଣେ ଶିକ୍ଷିତ ଯୁବନେତା। ସେ ବିଶିମୁଣ୍ଡା ପଞ୍ଚାୟତରେ ଲଗାତର ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକପ୍ରିୟତାର ପରିଚୟ ଦେଇଛନ୍ତି। ବିଜେଡିର ସଂଗଠନ, ଦଳର ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟ ପ୍ରାର୍ଥୀ ଏବଂ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଜୋରଦାର ପ୍ରଚାର ଯୋଗୁ ବିଜେଡି ପ୍ରାର୍ଥୀ ସୁବିଧାଜନକ ସ୍ଥିତିରେ ଅଛନ୍ତି। ଭାଜପା ପ୍ରାର୍ଥୀ ସଞ୍ଜୟ କେନ୍ଦ୍ର ସରକାରଙ୍କ ଜନ ହିତକର କାର୍ଯ୍ୟ ଓ କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ସହାୟତା ପ୍ରଦାନ ସମ୍ପର୍କରେ ଲୋକଙ୍କୁ ବୁଝାଇ ନିଜ ସପକ୍ଷରେ ଭୋଟ ଲୋଡୁଛନ୍ତି। ତେବେ ଗତଥର ବିଜୟୀ ଭାଜପା ପ୍ରାର୍ଥୀ ଲୋକଙ୍କ ସହିତ ସମ୍ପର୍କ ନ ରଖିବା କାରଣରୁ ଭୋଟର ଖୁସି ନାହାନ୍ତି। ସେହିପରି ଭାଜପା ଜୋନର ସମସ୍ତ ପଞ୍ଚାୟତରେ ଦଳୀୟ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ଦେଇ ନ ଥିବାରୁ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କୁ ପ୍ରଚାର ସମୟରେ ସମସ୍ୟା ହେଉଛି। ଭାଜପା ନେତ୍ରୀ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଏ ପର୍ଯ୍ୟନ୍ତ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ସକାଶେ ପ୍ରଚାର କରିବାକୁ ନ ଆସିବା ଦଳର କର୍ମକର୍ତ୍ତାଙ୍କୁ ନିରୁତ୍ସାହିତ କରିଛି। କଂଗ୍ରେସ ଓ ବିଏସ୍‌ପିର ସଂଗଠନ ସୁଦୃଢ ନଥିବା ବେଳେ ପ୍ରଚାର ପ୍ରସାର ମଧ୍ୟ ଏ ପର୍ଯ୍ୟନ୍ତ ଆଖିଦୃଶିଆ ହୋଇନି। ଏଭଳି ସ୍ଥିତିରେ ଅଞ୍ଚଳର ବିକାଶ ଓ ଲୋକଙ୍କ ସମସ୍ୟା ସମାଧାନ ପାଇଁ ମତଦାତା କେଉଁ ଦଳ ଓ ପ୍ରାର୍ଥୀଙ୍କୁ ପସନ୍ଦ କରିବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

**୨୦୧୭ ଭୋଟ ଫଳାଫଳ**

| ଦଳର ନାମ | ପାଇଥିବା ଭୋଟ |
|---|---|
| ଭାଜପା | ୧୪୧୧୯ |
| ବିଜେଡି | ୮୦୮୦ |
| କଂଗ୍ରେସ | ୧୧୮୦ |

